# ମିଳନ

ସଂଧ୍ୟା ତାରା ଗୋ ସଂଧ୍ୟା ତାରା
କି ଭାବି ମନେ
ପ୍ରତିଟୀ ଗଗନେ ତୁମେ ଥିଲ ସାକ୍ଷୀ
ମଧୁ ମିଳନେ ।

ସେଦିନ ପ୍ରିୟାର ଅଧରେ ଥିଲାଗୋ
ଅଧର ଛବି
ଥିଲା ତଟିନୀର ବାଲୁକା ଶେଯ
ଦେହରେ ଛବି ।

କହିଥିଲ ପ୍ରିୟା ପ୍ରଣୟର
ପଥ କଣ୍ଟକିତ
ଦେଖଇ ଜୋହ୍ନା, ଦେଖେ ସାଞ୍ଜ ତାରା
ଦେଖେ ସରିତ ।

ତାଙ୍କ ଦେଖା ସତେ ପ୍ରଣୟୀରେ
ଦିଏ ଉନ୍ମାଦନା
ଦେଖ୍ ପ୍ରତି ପ୍ରାଣୀ ପ୍ରଚାରଟି ସାର
ଲକ୍ଷ ଯାତନା ।

କହିଥିଲ ପ୍ରିୟା ବକ୍ଷେ ଅଛାଡି
କୋମଳ ତନୁ
ପ୍ରିୟଗୋ ପ୍ରିୟ ! ପାଶୋରି ନଦେବ
କେବେଟି ମନୁ ।

ଅଛି ସେଇ ଜହ୍ନ, ଅଛିଟି ଜୋଛ୍ନା
ଅଛି ସେ ପଠା
ପ୍ରିୟା ମୋ ରହିଛି କାହିଁ କେତେ ଦୂରେ
କି ହଟହଟା ।

ସରଳ ତରଳ କବିପ୍ରାଣେ ଦିଏ
ଯେତେ ଯାତନା
ଚିର ଶାଶ୍ୱତ, ଚିର ବଂଦିତ
ପ୍ରିୟା ଛଳନା ।

ପ୍ରିୟା ପ୍ରିୟା ବୋଲି ଡାକେ ତୁମ ପ୍ରିୟ
ଅନ୍ତର ଖୋଲି
ପ୍ରିୟ ପ୍ରିୟ ବୋଲି ଥରେ ଡାକପ୍ରିୟା
ଯାଆନା ଭୁଲି ।

***